**ସଂକ୍ଷେପରେ**

## ଜୟପୁର, କୋଟପାଡ଼ ନିର୍ବାଚନମଣ୍ଡଳୀର ସବୁ ନାମାଙ୍କନ ପତ୍ର କାଏମ

ଜୟପୁର, ୨୬।୪ (ପବନ ପାଣିଗ୍ରାହୀ)

ଜୟପୁର ଓ କୋଟପାଡ଼ ନିର୍ବାଚନମଣ୍ଡଳୀର ବିଧାୟକ ପ୍ରାର୍ଥୀ ପାଇଁ ନାମାଙ୍କନପତ୍ର ଦାଖଲ କରିଥିବା ସମସ୍ତ ପ୍ରାର୍ଥୀଙ୍କ ନାମାଙ୍କନପତ୍ର କାଏମ ରହିଛି । ଏନେଇ ଉପଖଣ୍ଡ ନିର୍ବାଚନ ଅଧିକାରୀ ପ୍ରଭାତ ପରିଡ଼ା ସୂଚନା ଦେଇଛନ୍ତି । ଜୟପୁର ନିର୍ବାଚନମଣ୍ଡଳୀ ପାଇଁ ୧୨ ଜଣ ପ୍ରାର୍ଥୀ ରହିଥିବା ବେଳେ କୋଟପାଡ଼ ନିର୍ବାଚନମଣ୍ଡଳୀ ପାଇଁ ୭ ଜଣ ପ୍ରାର୍ଥୀ ରହିଛନ୍ତି । ଜୟପୁର ନିର୍ବାଚନମଣ୍ଡଳୀ ପାଇଁ ବିଜେଡିର ଇନ୍ଦିରା ନନ୍ଦ, କଂଗ୍ରେସର ତାରାପ୍ରସାଦ ବାହିନୀପତି, ସ୍ୱାଧୀନ ପ୍ରାର୍ଥୀ ନୀଳମାଧବ ବିଷୋୟୀ, ଅଖିଳ ଭାରତୀୟ ହିନ୍ଦୁ ମହାସଭାର ମହେନ୍ଦ୍ର ପାତ୍ର, ସ୍ୱାଧୀନ ପ୍ରାର୍ଥୀ ବସନ୍ତ ପାତ୍ର, ପ୍ରୀତୀଶ ପଟ୍ଟନାୟକ, ନମିତା ଖରା, ସୀମାଞ୍ଚଳ ମହାଣ୍ଡୁଡ, ଆପ୍‌ର ଗୌରୀ ଚରଣ ଦେବଶର୍ମା, ଅଲ ଇଣ୍ଡିଆ ଫରୱାର୍ଡ ବ୍ଲକର ବି.ହରି ରାଓ, ଭାଜପାର ଗୌତମ ସାମନ୍ତରାୟ, ବିଏସ୍‌ପିର ଗୋପାଳ ନାୟକଙ୍କ ନାମାଙ୍କନ କାଏମ ରହିଛି। ସେହିପରି କୋଟପାଡ ନିର୍ବାଚନମଣ୍ଡଳୀ ପାଇଁ ସ୍ୱାଧୀନ ପ୍ରାର୍ଥୀ ରାମକୃଷ୍ଣ ପୂଜାରୀ, କେତନ ସମର୍ଥ, ଦେବକୀ ଗାଦବା, ବିଜେଡି ପ୍ରାର୍ଥୀ ଚନ୍ଦ୍ର ଶେଖର ମାଝି, ଭାଜପା ପ୍ରାର୍ଥୀ ରୁପୁ ଭତ୍ରା, କଂଗ୍ରେସ ପ୍ରାର୍ଥୀ ଅନୁମ ଦିଆନ ଓ ନବ ଭାରତ ନିର୍ମାଣ ସେବା ରାମକୃଷ୍ଣ ପୂଜାରୀଙ୍କ ନାମାଙ୍କନପତ୍ର କାଏମ ରହିଛି।

## ୭ରେ ରାଜ୍ୟସ୍ତରୀୟ ହୁଇଲ ଚେୟାର କ୍ରିକେଟ

ଫୁଲବାଣୀ, ୨୬।୪
(ରାକେଶ କୁମାର ରାଉତ)

କନ୍ଧମାଳ ଜିଲା ଫୁଟବଲ କ୍ଲବରେ ଓଡିଶା ହୁଇଲ ଚେୟାର କ୍ରିକେଟ ଆସୋସିଏଶନ ପକ୍ଷରୁ ଏକ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସଭାପତି ରାଜକିଶୋର ଦିଗାଲ ଯୋଗଦେଇ କନ୍ଧମାଳ ଜିଲାରେ ପ୍ରଥମ ଥର ପାଇଁ ହୁଇଲ ଚେୟାର କ୍ରିକେଟ ଟୁର୍ଣ୍ଣାମେଣ୍ଟ ହେବ। ଏହା ରାଜ୍ୟସ୍ତରୀୟ କନ୍ଧମାଳ ଟ୍ରଫି ନାମରେ ଖେଳାଯିବ ବୋଲି କହିଛନ୍ତି। ଆସନ୍ତା ୭ରୁ ଏହା ଆରମ୍ଭ ହୋଇ ୯ରେ ଶେଷ ହେବ। ଏଥିରେ ୮ଟି ଟିମ୍ କନ୍ଧମାଳ, ଗଞ୍ଜାମ, ଅନୁଗୋଳ, କୋରାପୁଟ, କଳାହାଣ୍ଡି, ସୁନ୍ଦରଗଡ, ଭଦ୍ରକ ଏବଂ ରାୟଗଡା ଜିଲା ଅଂଶଗ୍ରହଣ କରିବେ। ଏହି କନ୍ଧମାଳ ଟ୍ରଫି ନିମନ୍ତେ ଜିଲା ପ୍ରଶାସନର ସହଯୋଗ ଆବଶ୍ୟକ। ଫଳରେ ଦିବ୍ୟାଙ୍ଗମାନେ ସେମାନଙ୍କ ପରାକାଷ୍ଠା ଦେଖାଇ ପାରିବେ। ଏହି ବୈଠକରେ ଗଞ୍ଜାମ ଜିଲା ଟିମ୍ ଅଧିନାୟକ ନିକୁଞ୍ଜ ପ୍ରଧାନ, ବେଣୁ ବେହେରା, କନ୍ଧମାଳ ଟିମ ଅଧିନାୟକ ରାଜକୁମାର ନାୟକ, ମାଧବ ବଡସେଠ, ଜ୍ଞାନରଞ୍ଜନ କହଁର, ଚୈତନ୍ୟ କହଁର, ଟିମ୍ ପରିଚାଳକ ଅନିଲ ପରିଡା ପ୍ରମୁଖ ଉପସ୍ଥିତ ଥିଲେ ।

# ୧ ଲୋକ ସଭା, ୩ ବିଧାନସଭା ଆସନରେ ୪୬ ପ୍ରାର୍ଥୀ

କୋରାପୁଟ, ୨୬।୪ (ଅମିତାଭ ବେହେରା)

- କୋରାପୁଟ ଲୋକ ସଭା ଏବଂ କୋରାପୁଟ, ପଟ୍ଟାଙ୍ଗି, ଲକ୍ଷ୍ମୀପୁର ବିଧାନସଭା
- ପଟ୍ଟାଙ୍ଗି ବିଧାନସଭା ପାଇଁ ଦାଖଲ ହୋଇଛି ୧୧ ନାମାଙ୍କନ

କୋରାପୁଟ ଜିଲାରେ ପ୍ରାର୍ଥୀଙ୍କ ନାମାଙ୍କନ ଦାଖଲ ଶେଷ ହୋଇଛି। କୋରାପୁଟ ଲୋକ ସଭା ଆସନ ସମେତ କୋରାପୁଟ, ପଟ୍ଟାଙ୍ଗି ଓ ଲକ୍ଷ୍ମୀପୁର ବିଧାନସଭା ଆସନରେ ମୋଟ ୪୬ ଜଣ ପ୍ରାର୍ଥୀ ନିର୍ବାଚନ ରଣାଙ୍ଗନରେ ରହିଛନ୍ତି। କୋରାପୁଟ ଲୋକ ସଭା ଆସନରେ ୧୨ ଜଣ ପ୍ରାର୍ଥୀ ରହିଥିବା ଜିଲା ପ୍ରଶାସନ ପକ୍ଷରୁ ଜଣାପଡ଼ିଛି। ସେଥିମଧ୍ୟରେ ବିଜେଡିରୁ କୌଶଲ୍ୟା ହିକ୍‌କା, ଭାଜପାରୁ କାଳୀରାମ ମାଝି, କଂଗ୍ରେସରୁ ସପ୍ତଗିରି ଶଙ୍କର ଉଲ୍ଲାକା, ବିଏସ୍‌ପିରୁ ଦାମିନୀ ମାଝି, ଆର୍‌ପିଆଇରୁ ସନ୍ତୋଷ ବିଡିକା, ଏସ୍‌ୟୁସିଆଇରୁ ପ୍ରମିଳା ପୂଜାରୀ, ନବଭାରତ ନିର୍ମାଣ ସେବା ପାର୍ଟିରୁ ସୁମନ କାନ୍ତ, ସିପିଆଇଏମ୍‌ରୁ ପ୍ରକାଶ ହିକ୍‌କା, ସିପିଆଇ ଏମ୍‌ଏଲ୍‌ରୁ ରାଜେନ୍ଦ୍ର ମାଝି ଏବଂ ସ୍ୱାଧୀନ ପ୍ରାର୍ଥୀ ଭାବେ ଅବିନାଶ ଗମାଙ୍ଗ, ରଘୁମଣି ଗମାଙ୍ଗ, ଲାସୁ ହନ୍ତାଳ ରହିଛନ୍ତି।

ସେହିପରି କୋରାପୁଟ ବିଧାନସଭା ଆସନରେ ମୋଟ ୧୩ ଜଣ ପ୍ରାର୍ଥୀପତ୍ର ଦାଖଲ କରିଥିବା ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି। ସେମାନେ ହେଲେ ବିଜେଡିରୁ ରଘୁରାମ ପଡାଲ, ଭାଜପାରୁ ରଘୁରାମ ମାଛ, କଂଗ୍ରେସରୁ କୃଷ୍ଣ କୁଲଦୀପ, ବିଏସ୍‌ପିରୁ ସଞ୍ଜୀବ ନାୟକ, ଅଲ ଇଣ୍ଡିଆ ଫରୱାର୍ଡ ବ୍ଲକରୁ ଧନଞ୍ଜୟ ହନ୍ତାଳ, ଏସ୍‌ୟୁସିଆଇରୁ ରାମ ବାରିକ, ନବଭାରତ ନିର୍ମାଣ ସେବାରୁ ସଞ୍ଜୟ ଗରଡା, ଆପ୍‌ରୁ କର୍ପୂର ହନ୍ତାଳ ରହିଥିବା ବେଳେ ସ୍ୱାଧୀନ ପ୍ରାର୍ଥୀ ଭାବେ ଶିବପ୍ରସାଦ ଶଗଡ଼ିଆ, ଭାଗୀରଥି ପାଟନିଆ, ଭୁବନ ଖରା, ରଞ୍ଜନ ଖରା, ବିପଦ ଭଞ୍ଜନ ଦାସ ପ୍ରମୁଖ ପ୍ରାର୍ଥୀମାନେ ରହିଛନ୍ତି। ଜିଲାର ପଟ୍ଟାଙ୍ଗି ବିଧାନସଭା ଆସନରେ ସମୁଦାୟ ୧୧ ଜଣ ପ୍ରାର୍ଥୀ ନାମାଙ୍କନ ଦାଖଲ କରିଥିବା ଜିଲା ପ୍ରଶାସନ ପକ୍ଷରୁ ଜଣାପଡିଛି । ସେଥିମଧ୍ୟରେ ବିଜେଡିରୁ ପ୍ରଫୁଲ୍ଲ ପାଙ୍ଗୀ, ଭାଜପାରୁ ଚୈତନ୍ୟ ନନ୍ଦିବାଲି, କଂଗ୍ରେସରୁ ରାମଚନ୍ଦ୍ର କାଡାମ, ବିଏସ୍‌ପିରୁ ମୁରଲିଧର ଗୁଣ୍ଡା, ରିପବ୍ଲିକ ପାର୍ଟି ଅଫ ଇଣ୍ଡିଆରୁ ସ୍ନେହପାତ୍ର ସାନ୍ତା, ଏଆଇଏମ୍ଏନ୍‌ପିରୁ ଫୁଲମଣି ପାଙ୍ଗୀ, ସ୍ୱାଧୀନ ପ୍ରାର୍ଥୀ ଭାବେ ଗଙ୍ଗାମା ମାଝି, କୃଷ୍ଣଚନ୍ଦ୍ର ଜାନି, ଶାମ୍ଭ ପାଙ୍ଗୀ, ଅମ୍ବିକା କୁମାରୀ ପାଙ୍ଗୀ ପ୍ରମୁଖ ପ୍ରାର୍ଥୀ ଥିଛନ୍ତି। ସେହିପରି ଲକ୍ଷ୍ମୀପୁର ବିଧାନସଭା ଆସନରେ ୧୧ ଜଣ ପ୍ରାର୍ଥୀ ରହିଛନ୍ତି। ବିଜେଡିରୁ ପ୍ରଭୁ ଜାନି, ଭାଜପାରୁ କୈଳାସ କୁଲେସିକା, କଂଗ୍ରେସରୁ ପବିତ୍ର ସାଉଁନ୍ତା, ବିଏସ୍‌ପିରୁ ଜନଧର ୱାଡେକା, ସିପିଆଇରୁ କୁମର ଜାନି, ଆର୍‌ପିଆଇରୁ ରମେଶ ଜାନି, ସିପିଆଇ(ଏମ୍‌ଏଲ୍)ରୁ ରାଜେଶ ମାଣ୍ଡିଙ୍ଗି ରହିଥିବା ବେଳେ ସ୍ୱାଧୀନ ପ୍ରାର୍ଥୀ ରୂପେ ପୂର୍ଣ୍ଣ ମାଣ୍ଡିଙ୍ଗି, ମାଳତି ମାଣ୍ଡିଙ୍ଗି, ହବିକା ରବି ଓ ନାରି ହିକ୍‌କା ପ୍ରାର୍ଥୀ ରହିଛନ୍ତି।

**ଢଗଢମାଳି**

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ସକାଳ ପଖାଳ ଦହିକି**
**ଚିଙ୍ଗୁଡ଼ି ଶୁଖୁଆ ପୋଇକି**
**ଯାହାର ମନ ଯହିଁକି**
**ବସି ରହିଥାଏ ତହିଁକି।**

ସାଧାରଣତଃ ପଖାଳ ଭାତ ସହିତ ଦହି ଓ ପୋଇ ସହିତ ଚିଙ୍ଗୁଡ଼ି ଶୁଖୁଆ ପାଟିକୁ ସୁଆଦିଆ ଲାଗିଥାଏ। ସେହିପରି ଯାହାର ମନ ଯାହାଠାରେ ଥାଏ, ସିଏ ତାକୁ ହିଁ ସର୍ବଦା ଝୁରି ହେଉଥାଏ। ଖାଦ୍ୟ ସହ ରୁଚିର ସମ୍ପର୍କ ତଥା ମନ ସହ ଭାବନାର ସମ୍ପର୍କ ରହିଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ସର୍ପ ସମାନ ଭୟଙ୍କର**
**ଦୁର୍ଜନ ଜନେ ପରିହର।**

ଦୁର୍ଜନ ଲୋକ ସର୍ପଠାରୁ ବି ଆହୁରି ଅଧିକ ଭୟଙ୍କର ହୋଇଥାନ୍ତି। ଏମାନଙ୍କ ସହ ବନ୍ଧୁତା ରଖିଲେ ବିପଦରେ ପଡିବାର ସମ୍ଭାବନା ରହିଥାଏ। ଏଣୁ ଏମାନଙ୍କ ସଙ୍ଗ ସର୍ବଦା ବର୍ଜନୀୟ ବୋଲି ଏଠାରେ ଦର୍ଶାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ



ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ଜାତୀୟ ସମ୍ମିଳନୀ ଉଦ୍‌ଘାଟିତ

କୋରାପୁଟ, ୨୬।୪ (ଅମିତାଭ ବେହେରା)



ଗଣିତ ଉପରେ ଆଧାରିତ ଏକ ପୁସ୍ତକକୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ (ସିୟୁଓ) ଆନୁକୂଲ୍ୟରେ ଆୟୋଜିତ 'ଏକବିଂଶ ଶତାବ୍ଦୀରେ ଗଣିତ: ଥିଓରି ଏବଂ ପ୍ରୟୋଗ' ଶୀର୍ଷକ ୨ଦିନିଆ ଜାତୀୟ ସମ୍ମିଳନୀ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟର ଗଣିତ ବିଭାଗ ପକ୍ଷରୁ ଆୟୋଜିତ ଏହି ସମ୍ମିଳନୀରେ ଦେଶର ବିଶିଷ୍ଟ ବ୍ୟକ୍ତିମାନେ ଉପସ୍ଥିତ ଥିଲେ। ଏହି ଅବସରରେ ଗଣିତ ଗବେଷଣା ଉପରେ ଆଧାରିତ ଏକ ପୁସ୍ତକକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଶ୍ୱବିଦ୍ୟାଳୟ କାର୍ଯ୍ୟକାରୀ ରେଜିଷ୍ଟ୍ରାର ପ୍ରଫେସର ନରସିଂହ ଚରଣ ପଣ୍ଡା, ବାରାଣସୀର ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟର ପ୍ରଫେସର ମୁକୁଟମଣି ତ୍ରିପାଠୀ, ଝାନ୍‌ସୀ ସ୍ଥିତ ବୁନ୍ଦେଲଖଣ୍ଡ ବିଶ୍ୱବିଦ୍ୟାଳୟର ପ୍ରଫେସର ଅବନୀଶ କୁମାର, ରାଜସ୍ଥାନ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ କିଶନଗଡ଼ର ପ୍ରଫେସର ଜେ.କେ. ପ୍ରଜାପତ, ଭୁବନେଶ୍ୱରସ୍ଥିତ ଗଣିତ ଓ ପ୍ରୟୋଗ ପ୍ରତିଷ୍ଠାନର ପୂର୍ବତନ ନିର୍ଦ୍ଦେଶକ ପ୍ରଫେସର ଏ.କେ. ମିଶ୍ର, ଆଇଆଇଟି ଦିଲ୍ଲୀର ପ୍ରଫେସର ଭବାନୀ ଶଙ୍କର ପଣ୍ଡା, ରାଷ୍ଟ୍ରସନ୍ତ ତୁକାଡୋଜି ମହାରାଜ (ଆର୍‌ଟିଏମ୍) ନାଗପୁର ବିଶ୍ୱବିଦ୍ୟାଳୟର ପ୍ରଫେସର ପ୍ରଶାନ୍ତ ଚାଟାର୍ଜୀ, ପ୍ରଫେସର ଜି.ଏସ୍ . ଖଡ଼େକର ଏବଂ ସିୟୁଓର ଗଣିତ ବିଭାଗର ଆସୋସିଏଟ୍ ପ୍ରଫେସର ଡ. ଅଶୋକ ସାହୁ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ ପଠାଇଥିବା ବାର୍ତ୍ତା ପାଠ କରାଯାଇଥିଲା। ପ୍ରଫେସର ନରସିଂହ ଚରଣ ପଣ୍ଡା ବେଦରେ ଥିବା ସମୃଦ୍ଧ ଗାଣିତିକ ଐତିହ୍ୟ ଉପରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ପ୍ରଫେସର ମୁକୁଟମଣି ତ୍ରିପାଠୀ ଛାତ୍ରୀଛାତ୍ରଙ୍କ ଜୀବନକୁ ଗଢ଼ିତୋଳିବାରେ ସଂକଳ୍ପ ଉପରେ ଗୁରୁତ୍ୱାରୋପ କରିଥିଲେ। ସମ୍ମାନିତ ଅତିଥି ପ୍ରଫେସର ଅବନୀଶ କୁମାର ଗଣିତର ସାମ୍ପ୍ରତିକ ବିକାଶରେ ଗବେଷଣା ଓ ମୌଳିକ ଚିନ୍ତାଧାରାର ଗୁରୁତ୍ୱ ଉପରେ ମତ ରଖିଥିଲେ। ଆବାହକ ଡ. ଜ୍ୟୋତିଷ୍ମା ଦତ୍ତ, ସହ ଆବାହକ ଶୁଭମ ପାଢ଼ୀ, ଆୟୋଜକ ସମ୍ପାଦକ ଡ. ସର୍ବେଶ୍ୱର ବାରିକ ପରିଚାଳନା କରିଥିଲେ।

## କଂଗ୍ରେସରେ ଯୋଗଦେଲେ ବିଜେଡିର ପୂର୍ବତନ କାଉନସିଲର

ଜୟପୁର, ୨୬।୪ (ପବନ ପାଣିଗ୍ରାହୀ)

ଭାରତୀୟ ଜାତୀୟ କଂଗ୍ରେସର ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତିଙ୍କ ଉପରେ ଆସ୍ଥା ପ୍ରକଟକରି ଜୟପୁର ପୌରାଞ୍ଚଳ ୨୮ ନମ୍ବର ୱାର୍ଡର ପୂର୍ବତନ କାଉନସିଲର ଶାନ୍ତିମଣି ଗରଡ଼ା ଶୁକ୍ରବାର ତାଙ୍କ ସମର୍ଥକଙ୍କ ସହ କଂଗ୍ରେସରେ ଯୋଗଦେଇଛନ୍ତି। ବାହିନୀପତିଙ୍କ ଲକ୍ଷ୍ମୀନଗରସ୍ଥିତ ବାସଭବନରେ ସେ କଂଗ୍ରେସରେ ଯୋଗଦେଇଛନ୍ତି। ବିଧାୟକ ବାହିନୀପତି ଦଳୀୟ ଉତ୍ତରୀୟ ଦେଇ ସମସ୍ତଙ୍କୁ ଦଳକୁ ସ୍ୱାଗତ କରିଥିଲେ। ପୂର୍ବତନ କାଉନସିଲର ଶାନ୍ତିମଣିଙ୍କ କଂଗ୍ରେସରେ ଯୋଗଦାନ ଦଳକୁ ମଜଭୁତ କରିବ ବୋଲି ବାହିନୀପତି ପ୍ରକାଶ କରିଛନ୍ତି । ଏହି ମିଶ୍ରଣ ପର୍ବରେ ରାଜ୍ୟ ମହିଳା ସଭାନେତ୍ରୀ ମୀନାକ୍ଷୀ ବାହିନୀପତି, ପୌର ଅଧକ୍ଷା ନରେନ୍ଦ୍ର ମହାନ୍ତିଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ ।

## ଟାୱାରରୁ ୯୬ ବ୍ୟାଟେରି ଚୋରି

ଦଶମନ୍ତପୁର, ୨୬।୪ (ଅରବିନ୍ଦ ନାୟକ)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ଚିକ୍ରାମ୍ବ ପଞ୍ଚାୟତର ପିରିମାଛି ଗ୍ରାମରେ ଥିବା ଏକ ଟାୱାରରୁ ୯୬ ବ୍ୟାଟେରି ଚୋରି ହୋଇଥିବା ଅଭିଯୋଗ ହୋଇଛି। ଲୋକଙ୍କ ସମସ୍ୟାକୁ ଦୃଷ୍ଟିରେ ରଖି ଦୂର ସଞ୍ଚାର ବିଭାଗ ଗତ ୧୦।୧।୨୩ରେ ଉକ୍ତ ଅଞ୍ଚଳରେ ଏକ ନୂତନ ଟାୱାର ସ୍ଥାପନ କରିଥିଲେ। ଏହାଦ୍ୱାରା ପିରିମାଛି, ମାଙ୍କଡ଼ ମୁଣ୍ଡି, ଫାଟକିଜାମ, ଚିକ୍ରାମ୍ବ ପ୍ରଭୃତି ଗ୍ରାମବାସୀ ଉପକୃତ ହେଉଥିଲେ। ମାତ୍ର ଗତ ରାତିରେ ଏହି ଟାୱାରରୁ ୯୬ ବ୍ୟାଟେରି ଚୋରି ହୋଇଯାଇଥିବା ଗ୍ରାମର ସୋମନାଥ କନ୍ଧ, ସଲମାନ ଜାନି, ସୁଶାନ୍ତ ଜାନି, ସୁନୀଲ ଜାନି, ଜିତୁନ ଜାନି, ସିନାଡୁ ଜାନି, ମିଲଟନ ଜାନି, ଅଜୟ ଜାନି, ସିନାଡୁ ଜାନି, ସଦନ ସାଉଁନ୍ତା, କୁମ୍ଭେଶ୍ୱର ଜାନି, ମଜେନ୍ଦ୍ର କନ୍ଧ, ବିନୋଦ କନ୍ଧପାନ ଅଭିଯୋଗ କରିଛନ୍ତି। ତୁରନ୍ତ ବ୍ୟାଟେରି ଚୋରଙ୍କୁ ଧରିବାକୁ ଦାବି ହେଉଛି।

## ଯବାନଙ୍କ ଗୁଳିରେ ସାଥୀ ଯବାନ ମୃତ

ମାଲକାନଗିରି, ୨୬।୪ (ଦୁର୍ଯ୍ୟୋଧନ ପାତ୍ର)



ଛତିଶଗଡ଼ ଦାନ୍ତେୱାଡା ଜିଲାରେ ତଲାସୀ ଅଭିଯାନ ଚାଲିଥିବା ବେଳେ ନିଜ ବନ୍ଧୁକ ଗୁଳିରେ ଜଣେ ସାଥୀ ଯବାନଙ୍କ ମୃତ୍ୟୁ ହୋଇଛି। ଜଣେ ଯବାନ ଗୁରୁତର ଆହତ ହୋଇଛନ୍ତି। ଦାନ୍ତେୱାଡା ଜିଲାର ମାଓବାଦୀ ପ୍ରବଣ ଅଞ୍ଚଳର ହାଣ୍ଡୱାଡା ଏବଂ ହିତୱାଡା ଜଙ୍ଗଲରେ ସଶସ୍ତ୍ର ମାଓବାଦୀଙ୍କ ଉପସ୍ଥିତି ସମ୍ପର୍କରେ ସୂଚନା ପାଇ ଡିଆର୍‌ଜି ଏବଂ ବସ୍ତର ଫାଇଟର୍ସର ଯବାନମାନେ ମିଳିତ ଭାବେ ତଲାସୀ ଅଭିଯାନ ଆରମ୍ଭ କରିଥିଲେ। ତେବେ ଗୁରୁବାର ବିଳମ୍ବିତ ରାତିରେ ଜଙ୍ଗଲ ମଧ୍ୟରେ ମାଓବାଦୀଙ୍କ ସହ ଯବାନଙ୍କ ମୁହାଁମୁହିଁ ହୋଇଥିଲା। ଯବାନ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଥିଲା। ଏହି ସମୟରେ ଜଣେ ଯବାନଙ୍କ ବନ୍ଧୁକରୁ ଗୁଳି ଫୁଟି କନଷ୍ଟେବଲ ଜୋଗରାଜ୍ କରିସ୍ମା ଏବଂ କନଷ୍ଟେବଲ ପର୍ଶୁରାମ ଆଲାମି ଗୁରୁତର ହୋଇଥିଲେ। ଯୋଗରାଜ କରିସ୍ମାଙ୍କ ଅତ୍ୟଧିକ ରକ୍ତସ୍ରାବ ଯୋଗୁ ମୃତ୍ୟୁ ହୋଇଥିଲା। ଅନ୍ୟ ଜଣେ କନଷ୍ଟେବଲ ପର୍ଶୁରାମ ଆଲାମିଙ୍କୁ ଦାନ୍ତେୱାଡାରେ ପ୍ରାଥମିକ ଚିକିତ୍ସା ପରେ ଅଧିକ ଚିକତ୍ସା ପାଇଁ ହେଲିକପ୍ଟର ଯୋଗେ ରାୟପୁରକୁ ପଠାଯାଇଥିଲା । ତେବେ ଯବାନଙ୍କ ବନ୍ଧୁକରୁ ଗୁଳି ଫୁଟିବା ଘଟଣାକୁ ଏସ୍‌ପି ଗୌରବ ରାୟ ସ୍ୱୀକାର କରିଛନ୍ତି।

## ବ୍ୟକ୍ତିଗତ ମୁଚାଲିକାରେ ଜାମିନରେ ଗଲେ ଅଭିଯୁକ୍ତ

ମାଲକାନଗିରି, ୨୬।୪ (ଦୁର୍ଯ୍ୟୋଧନ ପାତ୍ର)

**ଅତି ଗରିବ ହୋଇଥିବାରୁ ତାଙ୍କ ନିବେଦନକୁ ଗ୍ରହଣ କରିଥିଲେ ବିଚାରପତି**

ଏକ ଚୋରି ମାମଲାରେ ଜଣେ ଗରିବ ଅଭିଯୁକ୍ତ ଦୀର୍ଘ ଦିନ ଧରି କାରାଗାରରେ ବନ୍ଦୀ ଜୀବନ ବିତାଉଥିଲେ। ଜିଲା ବିଚାରପତି ସିକ୍ୟୁରିଟି ସହ ୩୦ ହଜାର ଟଙ୍କା ଦାଖଲ କରି ଜାମିନରେ ଯିବାକୁ ତାଙ୍କୁ ସୁଯୋଗ ଦେଇଥିଲେ। ମାତ୍ର ଅଭିଯୁକ୍ତ ଜଣକ ଅତି ଗରିବ ହୋଇଥିବାରୁ ବିଚାରପତିଙ୍କ ନିର୍ଦ୍ଦେଶ ପାଳନ ପାଇଁ ସେ ଅକ୍ଷମ ଥିଲେ। ତାଙ୍କ ମାମଲା ପରିଚାଳନା କରୁଥିବା ଓକିଲ ବିଚାରପତିଙ୍କ ଏହି ଆଦେଶର ପରିବର୍ତ୍ତନ ପାଇଁ ଏକ ପିଟିସନ ଅଦାଲତରେ ଦାଖଲ କରିଥିଲେ। ଏହାକୁ ବିଚାରକୁ ନେଇ ଅଦାଲତ ସିକ୍ୟୁରିଟି କାଟି କେବଳ ୩୦ ହଜାର ଟଙ୍କା ଦାଖଲ ପୂର୍ବକ ତାଙ୍କୁ ଜାମିନରେ ଯିବାକୁ ଅନୁମତି ଦେଇଥିଲେ। ମାତ୍ର ଅଭିଯୁକ୍ତ ମଧ୍ୟ ଏହି ମୂଲ୍ୟ ଦେବାରେ ଅକ୍ଷମତା ପ୍ରକାଶ କରିବାରୁ ପୁଣି ଥରେ ଏକ ପିଟିସନ ମାଧ୍ୟମରେ ଉପରୋକ୍ତ ଆଦେଶର ପରିବର୍ତ୍ତନ ପାଇଁ ତାଙ୍କ ଓକିଲ କୋର୍ଟକୁ ପ୍ରାର୍ଥନା କରିଥିଲେ। ତେବେ ଉକ୍ତ ପିଟିସନକୁ ଜିଲା ଅଦାଲତର ସରକାରୀ ଓକିଲ ବିରୋଧ କରିଥିଲେ। ଅଭିଯୁକ୍ତଙ୍କ ଓକିଲ ଅଶୋକ ପଟ୍ଟନାୟକ ଓ ତାଙ୍କର ସହଯୋଗୀ ଡେପୁଟି ମୁଖ୍ୟ ଆଇନସେବା ଓକିଲ ରାଜେଶ ପଟ୍ଟନାୟକ, ଆଇନସେବା ଓକିଲ ସାଗର ପାଣିଗ୍ରାହୀ ଓ ସଂଯୁକ୍ତା ଦତ୍ତ ଉଚ୍ଚତମ ନ୍ୟାୟାଳୟ ସତେନ୍ଦ୍ର ଆନବିଲ ବନାମ କେନ୍ଦ୍ରୀୟ ଅନୁସନ୍ଧାନ ବ୍ୟୁରୋ ଓ ଉଚ୍ଚତମ ନ୍ୟାୟାଳୟଙ୍କ ଏସ୍‌ଏମ୍‌ଡବ୍ଲ୍ୟୁପିସି (କ୍ରି) ୪/୨୧ର ୩୧।୧।୨୦୨୩ର ଆଦେଶକୁ ଭିତିକରି ଏବଂ ଓଡିଶା ଉଚ୍ଚ ନ୍ୟାୟାଳୟଙ୍କ କୃଷ୍ଣ ପ୍ରସାଦ ସାହୁ ବନାମ ଓଡିଶା ସରକାର ମାମଲାରେ ଅନୁସରଣ କରାଯାଇଥିବା ନୀତିକୁ ଭିତିକରି ଅଭିଯୁକ୍ତଙ୍କୁ ଜାମିନ ଦେବାକୁ ବଳିଷ୍ଠ ଯୁକ୍ତି ଉପସ୍ଥାପନ କରିଥିଲେ। ଫଳରେ ଏହାକୁ ଜିଲା ଜଜ୍ ବିକ୍ରମ ପଟ୍ଟନାୟକ ଗ୍ରହଣ କରି ବିଚାରାଧୀନ ଅଭିଯୁକ୍ତଙ୍କୁ ବ୍ୟକ୍ତିଗତ ମୁଚାଲିକାରେ ଜାମିନରୁ କାରାଗାରରୁ ମୁକ୍ତ କରିଥିଲେ।

## ଆଗାମୀ ପିଢ଼ି ସ୍ମରଣ କରିବେ ବରପୁତ୍ରମାନଙ୍କ ଅବଦାନ

ମାଲକାନଗିରି, ୨୬।୪ (ଦୁର୍ଯ୍ୟୋଧନ ପାତ୍ର)

**ଜିଲା ପ୍ରଶାସନ, ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ପାଳିଲା ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ଜୟନ୍ତୀ**

ମାଲକାନଗିରି ଜିଲା ସଦର ମହକୁମା ପୂର୍ବତନ ବୋର୍ଡ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଶୁକ୍ରବାର ଓଡିଶାର ବରପୁତ୍ର ତଥା ପାରଳା ମହାରାଜ କୃଷ୍ଣଚନ୍ଦ୍ର ଗଜପତିଙ୍କ ୧୩୩ତମ ଜୟନ୍ତୀ ପାଳିତ ହୋଇଯାଇଛି। ଏଥିରେ ଉପଜଲାପାଳ ଦୁର୍ଯ୍ୟୋଧନ ଭୋଇ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ପ୍ରଫୁଲ୍ଲ ନନ୍ଦ, ଜିଲା ମଙ୍ଗଳ ଅଧିକାରୀ ଏ. ଶ୍ରୀନିବାସ ଆଚାରୀ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରମିଳା ମାଝୀ, ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ସଭାପତି ବାଲାରାଜୁ ପାଢୀ, ପୂର୍ବତନ ସଭାପତି ପ୍ରକାଶ ଚନ୍ଦ୍ର ପଟ୍ଟନାୟକ, ପୂର୍ବତନ ସମ୍ପାଦକ ଦୁର୍ଯ୍ୟୋଧନ ପାତ୍ର, ପଲି ଟେକନିକ୍ ମହାବିଦ୍ୟାଳୟ ଅଧକ୍ଷ ଅତିଥି ରୂପେ ଯୋଗ ଦେଇଥିଲେ। ଅତିଥିମାନେ ମହାରାଜାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଉତ୍କଳ ସମ୍ମିଳନୀର ଜିଲା ସଭାପତି ତଥା ଅଧ୍ୟାପକ ରଞ୍ଜନ ସ୍ୱାଇଁ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଏହି ଅବସରରେ ଅତିଥିମାନେ ଓଡିଆ ଭାଷାକୁ ସ୍ୱତନ୍ତ୍ର ଭାଷା ମାନ୍ୟତା ଦେବାରେ ପାରଳା ମହାରାଜାଙ୍କ ଅବଦାନ ସମ୍ପର୍କରେ ନିଜବକ୍ତବ୍ୟ ରଖିଥିଲେ। ଆଗାମୀ ଦିନରେ ଜିଲାର ପ୍ରତ୍ୟେକ ବିଦ୍ୟାଳୟରେ ସପ୍ତାହକୁ ଥରେ ଛାତ୍ରୀଛାତ୍ରଙ୍କୁ ନେଇ ଓଡିଶାର ମହାପୁରୁଷମାନଙ୍କ ସମ୍ପର୍କରେ ବକ୍ତୃତା ପ୍ରତି ଯୋଗିତା କରାଯିବା, ଓଡିଶାର ଇତିହାସ, ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନ, ଓଡିଆ ଭାଷା ଓ ସାହିତ୍ୟକୁ ବଞ୍ଚାଇ ରଖିବା ଲାଗି ଯେଉଁ ବରପୁତ୍ରମାନଙ୍କ ଅବଦାନ ଥିଲା ସେମାନଙ୍କ ସମ୍ପର୍କରେ ବକ୍ତୃତା ପ୍ରତିଯୋଗିତା କରାଯିବ। ଏହା ହେଲେ ଆଗାମୀ ପିଢି ସେହି ମହାପୁରୁଷମାନଙ୍କୁ ମନେ ରଖିପାରିବେ ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ୫୦ରୁ ଉର୍ଦ୍ଧ୍ୱ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ଉପସ୍ଥିତ ରହି ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ଅବଦାନକୁ ସ୍ମରଣ କରିଥିଲେ। ସଂଘର ପୂର୍ବତନ ସମ୍ପାଦକ ରବିନ୍ଦ୍ର ମହାରଣା ଧନ୍ୟବାଦ ଦେଇଥିଲେ।


ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିବା ଅତିଥି।

## ପ୍ରବଳ ଗ୍ରୀଷ୍ମତାପକୁ ଖାତିର ନ କରି ତିନି ପ୍ରମୁଖ ଦଳଙ୍କ ଜୋରଦାର ପ୍ରଚାର

ମାଲକାନଗିରି, ୨୬।୪ (ଦୁର୍ଯ୍ୟୋଧନ ପାତ୍ର)


ପ୍ରାର୍ଥୀ ଲକ୍ଷ୍ମୀପ୍ରିୟା ନାୟକ ନିଜ ସପକ୍ଷରେ ପ୍ରଚାର କରୁଛନ୍ତି ।

ପ୍ରାର୍ଥୀପତ୍ର ଦାଖଲର ଶେଷ ପରେ ପ୍ରମୁଖ ରାଜନୈତିକ ଦଳ ଓ ସ୍ୱାଧୀନ ପ୍ରାର୍ଥୀମାନେ ସେମାନଙ୍କ ପ୍ରଚାରକୁ ପ୍ରବଳ ଗ୍ରୀଷ୍ମତାପକୁ ଖାତିର ନ କରି ଜୋରଦାର କରିଛନ୍ତି। ବିଶେଷ କରି ବିଜେଡି, ଭାଜପା ଓ କଂଗ୍ରେସ ଦଳର ପ୍ରାର୍ଥୀମାନେ ଦିବାରାତ୍ରି ଏକ କରି ନିଜ ସପକ୍ଷରେ ଭୋଟରଙ୍କୁ ଆଣିବା ଲାଗି ପ୍ରୟାସ ଜାରି ରଖିଛନ୍ତି। ବିଜେଡି ପକ୍ଷରୁ ଚିତ୍ରକୋଣ୍ଡା ନିର୍ବାଚନ ମଣ୍ଡଳୀ ପ୍ରାର୍ଥିନୀ ଲକ୍ଷ୍ମୀପ୍ରିୟା ନାୟକ ଓ ପ୍ରଦୀପ ମାଝୀଙ୍କୁ ଜିତେଇବା ପାଇଁ ବାଲିମେଳାଠାରେ କୋରୁକୋଣ୍ଡା ବ୍ଲକ ଅଧକ୍ଷ ଶ୍ରୀନିବାସ ମୁଦୁଲି, ଚିତ୍ରକୋଣ୍ଡା ବ୍ଲକ ଅଧକ୍ଷ ଜିତୁ ବୁରୁଡି, ସତ୍ୟ ପାଣିଗ୍ରାହୀ ଉଭୟ ବ୍ଲକର ସରପଞ୍ଚ ଓ କର୍ମୀମାନଙ୍କୁ ନେଇ ଅନୁଷ୍ଠିତ ବୈଠକରେ ଆହ୍ୱାନ ଦେଇଥିଲେ। ସେହିପରି ଭାଜପା ଚିତ୍ରକୋଣ୍ଡା ନିର୍ବାଚନ ମଣ୍ଡଳୀ ପ୍ରାର୍ଥୀ ଡମ୍ବରୁ ଶିଶା ନିଜର ସମର୍ଥକମାନଙ୍କୁ ନେଇ ବିଭିନ୍ନ ଅଞ୍ଚଳରେ ନିଜ ସପକ୍ଷରେ ଭୋଟ ଦେବାକୁ ପ୍ରଚାର ଚଳାଇଛନ୍ତି। ସେହିପରି ଚିତ୍ରକୋଣ୍ଡାର କଂଗ୍ରେସ ବିଧାୟକ ପ୍ରାର୍ଥୀ ମଙ୍ଗୁ ଖିଲ ସ୍ୱାଭିମାନ ଅଞ୍ଚଳ, ସୋମନାଥପୁର, ନାକାମାମୁଡି, ଗୁମ୍ମା, ଖଇରପୁଟ, କୋରୁକୋଣ୍ଡା ଅଞ୍ଚଳରେ ସମର୍ଥକମାନଙ୍କୁ ନେଇ ପ୍ରଚାରକୁ ଜୋରଦାର କରିଛନ୍ତି। ମାଲକାନଗିରି ନିର୍ବାଚନ ମଣ୍ଡଳୀର ବିଜେଡି ବିଧାୟକ ପ୍ରାର୍ଥୀ ମାନସ ମାଡକାମି ଶୁକ୍ରବାର ଆନ୍ଧ୍ର ପ୍ରଦେଶ ସୀମାନ୍ତ ନାଗୁଲୁର, ପାପୁଲୁର, କାଲିମେଳା, ପଡିଆ ଅଞ୍ଚଳ ବୁଲି କର୍ମୀମାନଙ୍କ ସହ ନିର୍ବାଚନ ପ୍ରଚାରକୁ ଜୋର କରିଛନ୍ତି। ସେହିପରି ବିଜେଡିର ଜିଲା ପରିଷଦ ଜୋନ-୨ର ସଦସ୍ୟ ମୁକା ମାଡି, ପ୍ରଫୁଲ୍ଲ ପଣ୍ଡାଙ୍କ ନେତୃତ୍ୱରେ ଚଲାଣଗୁଡା, ମାଟାପାକା, ତଣ୍ଡିକି, ତଣ୍ଡାପାଲ୍ଲି, ଶିଖପାଲ୍ଲୀ ପଞ୍ଚାୟତର ବରିଷ୍ଠ ବିଜେଡି କର୍ମକର୍ତ୍ତା ଓ କର୍ମୀଙ୍କୁ ନେଇ ମାଟାପାକାଠାରେ ମାନସ ମାଡକାମିଙ୍କ ସପକ୍ଷରେ ଭୋଟ ପ୍ରଚାର ଚଳାଇଛନ୍ତି।

ଅନ୍ୟପକ୍ଷରେ ମାଲକାନଗିରି ନିର୍ବାଚନ ମଣ୍ଡଳୀ କଂଗ୍ରେସ ପ୍ରାର୍ଥୀ ମାଲା ମାଢି ନିଜର ସମର୍ଥକମାନଙ୍କୁ ନେଇ ମୋଟୁ, କାଲିମେଳା, ପଡିଆ, ମାଲାଭରମ ଅଞ୍ଚଳରେ ତାଙ୍କୁ ଭୋଟ ଦେବାପାଇଁ ଭୋଟରଙ୍କୁ ନିବେଦନ କରୁଥିବା ଦେଖିବାକୁ ମିଳିଛି। ସେହିପରି ଭାଜପା ପ୍ରାର୍ଥୀ ନରସିଂହ ମାଡକାମି ତାଙ୍କ ସମର୍ଥକ ଓ ଦଳୀୟ କର୍ମକର୍ତ୍ତାଙ୍କୁ ନେଇ ପଦ୍ମଗିରି, ପାଣ୍ଡ୍ରିପାଣି, ବୀରଲକ୍ଷ୍ମଣପୁର, ଗଙ୍ଗଲା, ସେରପାଲ୍ଲି, ସିନ୍ଧ୍ରିମାଳ, ଗୋରାଖଣ୍ଟା ଆଦି ଗ୍ରାମରେ ନରେନ୍ଦ୍ର ମୋଦିଙ୍କ ଗ୍ୟାରେଣ୍ଟି, ବିକଶିତ ଓଡିଶା ଗଠନ ସମ୍ପର୍କରେ ଭୋଟରଙ୍କୁ ବୁଝାଇ ପ୍ରଚାରକୁ ଜୋର କରିଛନ୍ତି। ସେହିପରି ମାଲାକନଗିରି ଜଲାର ଉଭୟ ନିର୍ବାଚନ ମଣ୍ଡଳୀରେ ଆମ ଆଦମୀ ପାର୍ଟିର ଶରତ ଚନ୍ଦ୍ର ବୁରୁଦା, ଜନତା ଦରବାର ପାର୍ଟିର ଲକ୍ଷ୍ମଣ ମାଡକାମୀ, ସ୍ୱାଧୀନ ପାର୍ଟିର ଲଳିତ ମାଡକାମି, ଘେନୁ ମୁଦୁଲି, ନିଜ ନିଜ ଅଞ୍ଚଳରେ ପ୍ରଚାରକୁ ଜୋର କରିଛନ୍ତି।

# ରାୟଗଡ଼ା ଜିଲାରେ ୩୩ ପ୍ରାର୍ଥୀଙ୍କ ନାମାଙ୍କନ କାଏମ



ଗୁଣପୁର ଉପଜିଲାପାଳଙ୍କ ଅଫିସରେ ନାମାଙ୍କନ ଯାଞ୍ଚ ସମୟରେ ସମ୍ମୁଖରେ ଉପସ୍ଥିତ ଥିବା ବିଭିନ୍ନ ଦଳର ପ୍ରାର୍ଥୀ, ସମର୍ଥକ ଓ ଆଇନଜୀବୀ।

**ରାୟଗଡ଼ା,୨୬।୪(ଆଶିଷ ରଞ୍ଜନ ପଣ୍ଡା)**

### ସରିଲା ନାମାଙ୍କନ ପତ୍ର ଯାଞ୍ଚ

- ନିର୍ବାଚନ ମଇଦାନରେ ରାୟଗଡ଼ାରୁ ୧୧, ବିଷମକଟକରୁ ୮ ପ୍ରାର୍ଥୀ
- ସୋମବାର ପ୍ରାର୍ଥିପତ୍ର ପ୍ରତ୍ୟାହାରର ଶେଷ ଦିନ

ଆଗାମୀ ସାଧାରଣ ନିର୍ବାଚନ ପାଇଁ ଦାଖଲ ହୋଇଥିବା ପ୍ରାର୍ଥୀଙ୍କ ନାମାଙ୍କନର ଯାଞ୍ଚ ପ୍ରକ୍ରିୟା ଶୁକ୍ରବାର ଶେଷ ହୋଇଛି । ଗୁରୁବାର ନାମାଙ୍କନ ଦାଖଲର ଶେଷ ଦିନ ସୁଦ୍ଧା ରାୟଗଡ଼ା, ବିଷମକଟକ ଓ ଗୁଣପୁର ବିଧାନସଭା ଆସନ ପାଇଁ ମୋଟ ୩୩ ଜଣ ନାମାଙ୍କନ ଦାଖଲ କରିଥିଲେ । ସେଥିରୁ ରାୟଗଡ଼ା ଆସନ ପାଇଁ ୧୧ଜଣ, ବିଷମକଟକ ପାଇଁ ୮ଜଣ ଏବଂ ଗୁଣପୁର ପାଇଁ ୧୪ଜଣ ନାମାଙ୍କନ ଦାଖଲ କରିଥିଲେ । ବିଷମକଟକ ପାଇଁ ବିଜେଡିରୁ ଜଗନ୍ନାଥ ସାରକା, ବିଏସ୍‌ପିରୁ ଜିତେନ୍ଦ୍ର ଜାକାକା, କଂଗ୍ରେସରୁ ନୀଳମାଧବ ହିକ୍‌କା, ନବ ଭାରତ ନିର୍ମାଣ ସେବା ପାର୍ଟିରୁ ଅନୀତା ପିଡ଼ିକାକା, ସିପିଆଇ(ଏମ୍‌ଏଲ୍) ଲିବରେଶନରୁ ପ୍ରାସ୍କା ରାମଚନ୍ଦ୍ର, ସ୍ୱାଧୀନ ପ୍ରାର୍ଥୀ ଭାବେ ନୀଳମାଧବ ଉଲାକା, ଭାଜପାରୁ ଜଗନ୍ନାଥ ନୁଣ୍ଡ଼ୁକା ଏବଂ ସ୍ୱାଧୀନ ପ୍ରାର୍ଥୀ ଭାବେ ପରମାନନ୍ଦ ହୁଇକା ନାମାଙ୍କନ ଦାଖଲ କରିଥିଲେ । ସମସ୍ତଙ୍କ ନାମାଙ୍କନ ବୈଧ ରହିଥିବା ସୂଚନା ମିଳିଛି।

ସେହିଭଳି ରାୟଗଡ଼ା ବିଧାନସଭା ଆସନ ପାଇଁ କଂଗ୍ରେସରୁ କାଦ୍ରାକା ଆପଲସ୍ୱାମୀ, ନବଭାରତ ନିର୍ମାଣ ସେବା ପାର୍ଟିରୁ କଣ୍ଡାଗରି ସିନାଲୁ, ବିଏସ୍‌ପିରୁ ପୂର୍ଣ୍ଣଚନ୍ଦ୍ର ମାଝି, ବିଜେଡିରୁ ଅନସୂୟା ମାଝି, ଭାଜପାରୁ ବସନ୍ତ କୁମାର ଉଲାକା, ସ୍ୱାଧୀନ ଭାବେ ସୁଚିତ୍ରା ମାଝି, ସିପିଆଇ(ଏମ୍‌ଏଲ୍) ଲିବରେଶନରୁ କ୍ରିଷ୍ଟା ପାଲକା, ସ୍ୱାଧୀନ ଭାବେ ରାଙ୍ଗାରାଓ କଣ୍ଡାଗରି, ଭଗବାନ ମାଝି ଏବଂ ଆମ୍ବେଡକର ପାର୍ଟି ଅଫ୍ ଇଣ୍ଡିଆରୁ ବନମାଳୀ ମାଝି ନାମାଙ୍କନ ଦାଖଲ କରିଥିଲେ । ଉକ୍ତ ୧୦ଜଣଙ୍କ ନାମାଙ୍କନ ବୈଧ ରହିଥିବା ଯାଞ୍ଚ ପରେ ସୂଚନା ମିଳିଛି । ସେହିଭଳି ଶିବଶଙ୍କର ଉଲାକା ଭାଜପା ଓ ସ୍ୱାଧୀନ ପ୍ରାର୍ଥୀ ଭାବେ ନାମାଙ୍କନ ଦାଖଲ କରିଥିଲେ । ହେଲେ ତାଙ୍କ ନିକଟରେ ଦଳୀୟ ଟିକେଟ (ଫର୍ମ କ ଓ ଖ) ନ ଥିବାରୁ ଭାଜପା ପ୍ରାର୍ଥୀ ଭାବେ ଦେଇଥିବା ନାମାଙ୍କନ ନାକଚ ହୋଇଯାଇଥିଲା। ତେବେ ଶିବ ଉଲାକା ସ୍ୱାଧୀନ ପ୍ରାର୍ଥୀ ଭାବେ ଦେଇଥିବା ନାମାଙ୍କନ ବୈଧ ରହିଥିବା ଜଣାପଡ଼ିଛି । ଅନ୍ୟପଟେ ସୋମବାର ପ୍ରାର୍ଥୀପତ୍ର ପ୍ରତ୍ୟାହାରର ଶେଷ ଦିନ ଥିବାରୁ କେଉଁ ପ୍ରାର୍ଥୀ ନାମାଙ୍କନପତ୍ର ପ୍ରତ୍ୟାହାର କରୁଛନ୍ତି ତାହା ଦେଖିବାକୁ ବାକି ରହିଲା ।

## ସମସ୍ତ ୧୪ ପ୍ରାର୍ଥିପତ୍ର ବୈଧ

### ଗୁଣପୁର ବିଧାନସଭା ଆସନ

**ଗୁଣପୁର,୨୬।୪(ପ୍ରଦୀପ କୁମାର ପାଢ଼ୀ)**

ରାୟଗଡ଼ା ଜିଲା ଗୁଣପୁର ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ନାମାଙ୍କନ ପତ୍ର ଯାଞ୍ଚ ପ୍ରକ୍ରିୟା ଉପଜିଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା ଗୃହଠାରେ ଶୁକ୍ରବାର ଅନୁଷ୍ଠିତ ହୋଇଥିଲା। ଉପଜିଲାପାଳ ତଥା ରିଟର୍ନିଂ ଅଫିସର କିରଣଦୀପ କୌର ସହୋତାଙ୍କ ଅଧ୍ୟକ୍ଷତାରେ ହୋଇଥିବା କାର୍ଯ୍ୟକ୍ରମରେ ବିଭିନ୍ନ ଦଳର ପ୍ରାର୍ଥୀ, ସମର୍ଥକ ଏବଂ ଓକିଲମାନେ ଉପସ୍ଥିତ ଥିଲେ। ଯାଞ୍ଚ ପରେ ସମସ୍ତ ୧୪ ପ୍ରାର୍ଥିପତ୍ର କାଏମ ରହିଥିବା ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ବିଭଗର ଅଧିକାରୀ ଧନଞ୍ଜୟ ବେହେରା ପ୍ରେସ୍ ବିଜ୍ଞପ୍ତିରେ ସୂଚନା ଦେଇଛନ୍ତି। ନାମାଙ୍କନ ପତ୍ର ଯାଞ୍ଚ ପରେ ରଶ୍ମିତା ଶବର (ସ୍ୱାଧୀନ), ସିପିଆଇଏମ୍‌ଏଲ୍ ଲିବରେଶନର ଅନାସିମ ଶବର ଓ ପଦ୍ମିନୀ ଗମାଙ୍ଗ, ସତ୍ୟଜିତ ଗମାଙ୍ଗ (କଂଗ୍ରେସ), ଫାଲ୍‌ଗୁନି ଶବର (ସ୍ୱାଧୀନ), ରଘୁନାଥ ଗମାଙ୍ଗ (ବିଜେଡି), ତ୍ରିନାଥ ଗମାଙ୍ଗ(ଭାଜପା), ଶିବରାମ ମାମ୍ଧଲକା (ବିଏସ୍‌ପି), ପୂର୍ଣ୍ଣଚନ୍ଦ୍ର ଶବର (ସ୍ୱାଧୀନ), ରବିଶଙ୍କର ଗମାଙ୍ଗ (ସ୍ୱାଧୀନ), କଂଗ୍ରେସରୁ ଇସ୍ତଫା ଦେଇ ସ୍ୱାଧୀନ ଭାବେ ଲଢୁଥିବା ଭାସ୍କର ଜାଗରଙ୍ଗା ଓ ଅବିନାଶ ଗମାଙ୍ଗ, କରୁଣାକର ଶବର (ସ୍ୱାଧୀନ) ଏବଂ ନାଗଭୂଷଣ ମାଣ୍ଡାଙ୍ଗି (ବିଏମ୍‌ପି) ଏପରି ୧୪ ଜଣ ପ୍ରାର୍ଥୀ ନିର୍ବାଚଣ ରଣାଙ୍ଗନରେ ରହିଥିବା ଜଣାପଡ଼ିଛି।



ଉପଜିଲାପାଳଙ୍କ ସହ ଅନ୍ୟ ଅଧିକାରୀମାନେ ନାମାଙ୍କନ ପତ୍ର ଯାଞ୍ଚ କରୁଛନ୍ତି।

## ବିଜେଡି ପ୍ରାର୍ଥୀ ଅନସୂୟାଙ୍କ ସମର୍ଥନରେ ମକରନ୍ଦ

**ରାୟଗଡ଼ା,୨୬।୪(ଆଶିଷ ରଞ୍ଜନ ପଣ୍ଡା)**

୨୦୧୯ ନିର୍ବାଚନରେ ସମସ୍ତଙ୍କ ରଣନୀତିକୁ ମାତ୍ ଦେଇ ସ୍ୱାଧୀନ ଭାବେ ନିର୍ବାଚନ ଜିତି ରାୟଗଡ଼ା ବିଧାୟକ ହୋଇଥିଲେ ମକରନ୍ଦ ମୁଦୁଲି । ଏହି ବିଜୟ ପରେ ସମଗ୍ର ଓଡ଼ିଶାରେ ଏକ ଚର୍ଚ୍ଚିତ ଚେହେରା ପାଲଟିଯାଇଥିଲେ ମକରନ୍ଦ । ନିର୍ବାଚନ ପରେ ୫ ବର୍ଷ ବିଜେଡିକୁ ନିଜର ସମର୍ଥନ ଜାହିର କରିଥିଲେ । ୨୦୨୪ରେ ସେ ଆଉ ନିର୍ବାଚନ ଲଢୁନାହାନ୍ତି । ଆଗାମୀ ନିର୍ବାଚନରେ ମକରନ୍ଦ ବିଜେଡି ପ୍ରାର୍ଥିନୀ ଅନସୂୟାଙ୍କୁ ସମର୍ଥନ କରୁଥିବା ଜଣାପଡ଼ିଛି । ଗତ ୧୯ ତାରିଖରେ ଜିଲା ପର୍ଯ୍ୟବେକ୍ଷକ ଅତନୁ ସବ୍ୟସାଚୀଙ୍କ ଉପସ୍ଥିତିରେ କାଶୀପୁରରେ ହୋଇଥିବା କର୍ମୀ ସମ୍ମିଳନୀର ବିଜେଡି ମଞ୍ଚରେ ମକରନ୍ଦଙ୍କୁ ଦେଖିବାକୁ ମିଳିଥିଲା । ଏଭଳିକି ରାୟଗଡ଼ାଠାରେ ହୋଇଥିବା କର୍ମୀ ସମ୍ମିଳନୀରେ ଗଣମାଧ୍ୟମର ପ୍ରଶ୍ନରେ ମକରନ୍ଦ ବିଜେଡି ସହ ରହିଥିବା କହିଥିଲେ ମନ୍ତ୍ରୀ ଅତନୁ। ବିଜେଡି ପ୍ରାର୍ଥିନୀ ଅନସୂୟାଙ୍କ ପାଇଁ ସେ କାଶୀପୁର ବ୍ଲକରେ ପ୍ରଚାର ମଧ୍ୟ କରୁଛନ୍ତି । ହେଲେ ମକରନ୍ଦଙ୍କ ବିଜେଡି ପାଇଁ ପ୍ରଚାର କେତେ ସହାୟକ ହେବ ତାହା ପରେ ଜଣାପଡ଼ିବ। କିନ୍ତୁ ମକରନ୍ଦ ବିଜେଡି ସପକ୍ଷରେ ପ୍ରଚାର କରିବା ପରେ ଦଳୀୟ ନେତାଙ୍କ ଚିନ୍ତା କମିଯାଇଛି। ଯଦି ମକରନ୍ଦ ସ୍ୱାଧୀନ ଭାବେ ଲଢ଼ିଥାନ୍ତେ କିମ୍ବା ଅନ୍ୟ କାହାକୁ ସମର୍ଥନ କରିଥାନ୍ତେ ତେବେ ଖେଳ ବିଗିଡି ଯାଇଥାନ୍ତା ବୋଲି ଆଲୋଚନା ହେଉଛି । ମକରନ୍ଦଙ୍କ ସମର୍ଥନରେ ବିଜେଡି କେତେ ବାଜିମାତ୍ କରୁଛି ତାହା ଦେଖିବାକୁ ବାକି ରହିଲା ।

## ବ୍ୟବସାୟୀଙ୍କୁ ହତ୍ୟା ମାମଲାରେ ଜଣେ ଗିରଫ

**ଜୟପୁର ୨୬।୪ (ପବନ ପାଣିଗ୍ରାହୀ)**

ଜୟପୁର ମୁଖ୍ୟ ରାସ୍ତାର କୋଭିଡ୍ ହସ୍ପିଟାଲ ପାର୍ଶ୍ୱରେ ଚା'ଦୋକାନ କରିଥିବା ତାମ୍ପି ଆୟାର ହତ୍ୟା ମାମଲାରେ ଜଣେ ଅଭିଯୁକ୍ତଙ୍କୁ ଟାଉନ ଥାନା ପୋଲିସ ଗିରଫ କରିଛି। ସେ ହେଲେ ବି.ସିଂପୁର ଥାନା ଅନ୍ତର୍ଗତ ରଣସପୁର ଗ୍ରାମର ସୁଦାମ ନାୟକ (୨୧)। ଗତ ୨୩ ତାରିଖରେ ଟାଉନ ଥାନାରେ ସାତଭଉଣୀ ମନ୍ଦିର ପଛପଟେ ଜଗତ ଜନନୀ ଲାଇନରେ ରହୁଥିବା ତାମ୍ପିଙ୍କ ଘରୁ ଦୁର୍ଗନ୍ଧ ବାହାରୁଥିବା ପୋଲିସକୁ ଖବର ମିଳିଥିଲା। ପୋଲିସ ଓ ଏସ୍‌ଡିପିଓ ପହଞ୍ଚି ତାଲା ଭାଙ୍ଗିବାରୁ ତା' ଭିତରେ ତାମ୍ପିଙ୍କ ମୃତଦେହ ପଡିଥିବା ଦେଖିବାକୁ ପାଇଥିଲେ। ଏହା ଏକ ହତ୍ୟା ମାମଲା ବୋଲି ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିପାରିଥିଲା। ହତ୍ୟା ମାମଲା ରୁଜୁକରି ପୋଲିସ ସାଇଣ୍ଟିଫିକ ଟିମ୍ ସହ ଏହାର ତଦନ୍ତ କରିଥିଲା। ସିସି କ୍ୟାମେରା ଆଧାରରେ ପୋଲିସ ଅଭିଯୁକ୍ତ ସୁଦାମଙ୍କୁ ଗିରଫ କରିଥିଲା। ସୁଦାମ କୋଭିଡ୍ ସମୟରେ ହସ୍ପିଟାଲରେ ଜଗୁଆଳି ଭାବେ କାର୍ଯ୍ୟ କରୁଥିଲେ। ସେହି ହସ୍ପିଟାଲ ନିକଟରେ ତାମ୍ପିଙ୍କ ଚା' ଦୋକାନ ଥିଲା। ଫଳରେ ସମୟକ୍ରମେ ସୁଦାମ ଓ ତାମ୍ପିଙ୍କ ମଧ୍ୟରେ ବନ୍ଧୁତା ଗଢ଼ି ଉଠିଥିଲା। ତାମ୍ପି ସୁଦାମଙ୍କୁ କିଛି ଅର୍ଥ ସହାୟତା ଦେବା ସହ ତାଙ୍କ ପାଇଁ ଏକ ବାଇକ୍ ମଧ୍ୟ କିଣି ଦେଇଥିଲେ। ୨୦୨୩ରେ ସୁଦାମ ଏକ ଚୋରି ମାମଲାରେ ଗିରଫ ହୋଇ ଜେଲ ଯାଇଥିଲେ। ସେହି ସମୟରେ ତାମ୍ପି ତାଙ୍କୁ ଜେଲରୁ ଆଣିବା ପାଇଁ ବହୁ ଟଙ୍କା ଖର୍ଚ୍ଚ କରିଥିଲେ। ସୁଦାମ ଜେଲରୁ ବାହାରିବା ପରେ ଆଉ ତାମ୍ପିଙ୍କ ସହ ସମ୍ପର୍କ ରଖି ନ ଥିଲେ। ପରବର୍ତ୍ତୀ ସମୟରେ ଏହି ଟଙ୍କା ପଇସାକୁ ନେଇ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ତାମ୍ପି ସୁଦାମଙ୍କୁ ଗତ ୧୩ ତାରିଖରେ ନିଜ ଘରକୁ ଡାକିଥିଲେ। ଦୁଇ ଜଣ ମିଶି ସବୁ ସମାଧାନ କରିବାକୁ କହିଥିଲେ। ସୁଦାମ ୨୩ ତାରିଖ ରାତି ୧୨ଟାରେ ତାମ୍ପିଙ୍କ ଘରକୁ ଆସିଥିଲେ। କଥାବାର୍ତ୍ତା ଚାଲିଥିବା ସମୟରେ ତାମ୍ପି ସୁଦାମଙ୍କ ବେକ କାଟି ଦେଇଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ପରେ ଅଭିଯୁକ୍ତ ତାଙ୍କୁ ଶେଯରେ ଗୁଡ଼ାଇ ଛୁରି, କିଛି ଖୁଚୁରା ଟଙ୍କା ଧରି ତାଲା ପକାଇ ଚାଲି ଆସିଥିଲେ। ସବୁ ଜିନିଷ ସେ କେନାଲ ନିକଟରେ ଫୋପାଡ଼ି ଦେଇଥିଲେ। ପୋଲିସ ତଦନ୍ତକରି ଛୁରି, କିଛି ଟଙ୍କା, ଘରର ଚାବି ଜବତ କରିଥିବା ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ଅଙ୍କିତ କୁମାର ବର୍ମା ସୂଚନା ଦେଇଛନ୍ତି । ଖବରଦାତା ସମ୍ମିଳନୀରେ ଟାଉନ ଥାନା ଅଧିକାରୀ ରମଣି ରଞ୍ଜନ ଦଳେଇ, ତଦନ୍ତ କାରୀ ଅଧିକାରୀ ଏସ୍‌ଆଇ ସିଦ୍ଧାନ୍ତ ବେହେରା ଉପସ୍ଥିତ ଥିଲେ । ମୃତ ତାମ୍ପିଙ୍କ ଘର ଲୋକ କେହି ନ ଥିବାରୁ ସ୍ଥାନୀୟ ଲୋକେ ମୃତଦେହ ବ୍ୟବଚ୍ଛେଦ କରିଥିବା ଜଣାପଡ଼ିଛି।

## ମାଣିକେଶ୍ୱରୀ ଯାତ୍ରାରେ ବିଧାୟକ ପ୍ରାର୍ଥୀଙ୍କ ପ୍ରଚାର

**ମୁନିଗୁଡ଼ା,୨୬।୪ (ନନ୍ଦକିଶୋର ପଟ୍ଟନାୟକ)**

ଚଳିତ ସାଧାରଣ ନିର୍ବାଚନ ପାଇଁ ବିଗୁଲ ବାଜିସାରିଛି। ନାମାଙ୍କନ ଦାଖଲ ହୋଇଯାଇଛି। ଏବେ ପ୍ରାର୍ଥୀମାନେ ସମର୍ଥକଙ୍କୁ ଧରି ପ୍ରଚାରରେ ବ୍ୟସ୍ତ। ଗାଁଠୁ ସହର, ଜଙ୍ଗଲରୁ ଡଙ୍ଗର ଯାଏ ସବୁଆଡେ ରାଜନୀତି ସରଗରମ । ଏହି ଅବସରରେ ବିଷମକଟକ ନିର୍ବାଚନମଣ୍ଡଳୀର ବିଧାୟକ ପ୍ରାର୍ଥୀମାନେ ମୁନିଗୁଡା ନିକଟସ୍ଥ କୁତ୍ରାଗଡ଼ ଗ୍ରାମରେ ମା' ମାଣିକେଶ୍ୱରୀଙ୍କ ଝାମୁଯାତ୍ରାରେ ପୂଜାର୍ଚ୍ଚନା କରିଛନ୍ତି। ବିଜେଡି ପ୍ରାର୍ଥୀ ଜଗନ୍ନାଥ ସାରକା, ଭାଜପା ପ୍ରାର୍ଥୀ ଜଗନ୍ନାଥ ନୁଣ୍ଡ଼ୁକା ଓ କଂଗ୍ରେସ ପ୍ରାର୍ଥୀ ନୀଳମାଧବ ହିକ୍‌କା ଦଳୀୟ ନେତା ଓ କର୍ମୀଙ୍କ ସହ ଗୁରୁବାର ରାତିରେ ମା' ମାଣିକେଶ୍ୱରୀ ଦେବୀଙ୍କ ପ୍ରସିଦ୍ଧ ଝାମୁଯାତ୍ରାରେ ପହଞ୍ଚି ମା'ଙ୍କ ଆଶିଷ ଭିକ୍ଷା କରିବା ସହ ବୁଢ଼ାରାଜାଙ୍କ ଦର୍ଶନ କରିଛନ୍ତି। ଯାତ୍ରା ଭିଡ଼ରେ ହଜାର ହଜାର ଭକ୍ତ ଓ ଜନସାଧାରଣଙ୍କୁ ସମସ୍ତ ପ୍ରାର୍ଥୀ ପ୍ରଣାମ ଜଣାଇ ସେମାନଙ୍କ ସହଯୋଗ କାମନା କରିଥିଲେ। ଏହିସବୁ ମଧ୍ୟରେ ଭାଜପା ପ୍ରାର୍ଥୀ ନୁଣ୍ଡ଼ୁକା ଓ କଂଗ୍ରେସ ପ୍ରାର୍ଥୀ ହିକ୍‌କାଙ୍କ ମଧ୍ୟରେ ଏକ ଭେଟଘାଟ ହୋଇଥିଲା। କୁତ୍ରାଗଡ଼ ଗ୍ରାମରେ ଥିବା ପ୍ରତ୍ୟକ୍ଷ ଦେବୀ ମା' ମାଣିକେଶ୍ୱରୀଙ୍କ ଝାମୁଯାତ୍ରା ଗୁରୁବାର ରାତିରେ ଉଦ୍‌ଯାପିତ ହୋଇଯାଇଛି। ଏହି ଯାତ୍ରା କାହିଁ କେଉଁ ଆବହମାନ କାଳରୁ ଏଠାରେ ଚାଲି ଆସିଛି। ଭକ୍ତଙ୍କ ମାନସିକ ପୂରଣ ହେଉଥିବା ବିଶ୍ୱାସ ରହିଥିବାରୁ ଏହି ଯାତ୍ରା ଦେଖିବାକୁ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥାଏ। ତେଣୁ ପ୍ରାର୍ଥୀମାନେ ଏହାର ସୁଯୋଗ ନେଇ ମା'ଙ୍କ ଆଶୀର୍ବାଦ ନେବା ସହ ଯାତ୍ରାକୁ ଆସିଥିବା ଭୋଟରଙ୍କ ସହ ସୁସମ୍ପର୍କ ରଖିବା ପାଇଁ ପ୍ରାର୍ଥୀମାନେ ଉଦ୍ୟମ କରିଥିଲେ। ଏହି ସମୟରେ ଭାଜପା ରାଜ୍ୟ ଓବିସି ମୋର୍ଚ୍ଚା ଉପସଭାପତି ରାମଚନ୍ଦ୍ର ବେହେରାଙ୍କ ନେତୃତ୍ୱରେ ମୀନକେତନ ଗୌଡ଼,ରମେଶ ଗୌଡ଼,ଭୀମ ବେହେରା,ପଦ୍ମ ବେହେରା, ସୁବାସ ଗୌଡ଼,ରାକେଶ ସିକା,ପଞ୍ଚାନନ ସାହୁ, ଟୁନା କରକରିଆ ପ୍ରମୁଖଙ୍କ ସମେତ ବହୁ ସଂଖ୍ୟାରେ ଅନ୍ୟ ଦଳୀୟ ନେତା ଓ କର୍ମୀ ଉପସ୍ଥିତ ଥିଲେ ।



ଯାତ୍ରାରେ ଭାଜପା ପ୍ରାର୍ଥୀ ଜଗନ୍ନାଥ ନୁଣ୍ଡ଼ୁକା ଓ କଂଗ୍ରେସ ପ୍ରାର୍ଥୀ ନୀଳମାଧବ ହିକ୍‌କାଙ୍କ ମଧ୍ୟରେ ଭେଟଘାଟ ।

## ପ୍ରଶାସନ ପକ୍ଷରୁ ୨ ଶତାୟୁ ମତଦାତା ସମ୍ବର୍ଦ୍ଧିତ



ଗୁଣପୁର ପ୍ରଶାସନ ପକ୍ଷରୁ ଡେପୁଟି କଲେକ୍ଟର ମଧୁସୂଦନ ମାଝି ଶତାୟୁ ମତଦାତା ଗୁଣମଞ୍ଜରୀ ଦେବର୍ତ୍ତା ଏବଂ ଗୌରଚନ୍ଦ୍ର ପାଢୀଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି ।

**ଗୁଣପୁର,୨୬।୪(ପ୍ରଦୀପ କୁମାର ପାଢ଼ୀ)**

ରାୟଗଡ଼ା ଜିଲାପାଳ ମନୋଜ ସତ୍ୟୱାନ ମହାଜନଙ୍କ ନିର୍ଦ୍ଦେଶକ୍ରମେ ଗୁଣପୁର ଉପଜିଲାପାଳ କିରନଦୀପ କୌର ସହୋତାଙ୍କ ତତ୍ତ୍ୱାବଧାନରେ ସହରର ୨ ଶତାୟୁ ମତଦାତାଙ୍କୁ ଶୁକ୍ରବାର ସନ୍ଧ୍ୟାରେ ସମ୍ବର୍ଦ୍ଧିତ କରାଯାଇଛି। ସେମାନେ ହେଲେ ଗୁଣମଞ୍ଜରୀ ବେବର୍ତ୍ତା (୧୦୭) ଓ ଗୌରଚନ୍ଦ୍ର ପାଢ଼ୀ (୧୦୪)। ୨ ଶତାୟୁ ମତଦାତାଙ୍କ ଘରକୁ ଡେପୁଟି କଲେକ୍ଟର ମଧୁସୂଦନ ମାଝି, ପୌର ପରିଷଦର ନିର୍ବାହୀ ଅଧିକାରୀ ମନୋଜ କୁମାର ତାଣ୍ଡି ପ୍ରମୁଖ ଯାଇ ସେମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ପୌର କାର୍ଯ୍ୟାଳୟର ତାପସ ପଟ୍ଟନାୟକ, ରଶ୍ମିରଞ୍ଜନ ଚୌଧୁରୀ ମାନପତ୍ର ପ୍ରସ୍ତୁତରେ ସହଯୋଗ କରିଥିଲେ । ସମ୍ବର୍ଦ୍ଧନା ଅବସରରେ ଗୁଣମଞ୍ଜରୀଙ୍କ ପୁତ୍ର ବିଶିଷ୍ଟ କୃଷିବିତ୍ କୃଷ୍ଣଚନ୍ଦ୍ର ବେବର୍ତ୍ତା ଓ ଗୌରଚନ୍ଦ୍ରଙ୍କ ପୁତ୍ର ନୁନୁ ପାଢ଼ୀ ଉପସ୍ଥିତ ଥିଲେ ।

## ଦୁର୍ଘଟଣାରେ ଶିକ୍ଷକଙ୍କ ମୃତ୍ୟୁ

**ଖଜୁରିପଡ଼ା,୨୬।୪(ବିଦୁର ବେହେରା)**

ଗଞ୍ଜାମ ଜିଲା ଖଜୁରିପଡ଼ା ଥାନା ଅନ୍ତର୍ଗତ ଜାମଖୋରି ଗ୍ରାମ ନିକଟ ୧୫୭ ନଂ ଜାତୀୟ ରାଜପଥରେ ଦୁର୍ଘଟଣାରେ ଜଣେ ଶିକ୍ଷକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ନୀଳମଣି କହଁର। ନଗଲେଞ୍ଜୁ ସ୍କୁଲରେ କାର୍ଯ୍ୟରତ ଏହି ଶିକ୍ଷକ ଜଣକ ଅଫିସ କାର୍ଯ୍ୟରେ ଆସି ଫୁଲବାଣୀରୁ ଘରକୁ ବାଇକରେ ଫେରୁଥିବାବେଳେ ଭାରସାମ୍ୟ ହରାଇ ପେଟ୍ରୋଲ ଟ୍ୟାଙ୍କରରେ ଧକ୍କା ହୋଇଥିଲେ। ସ୍ଥାନୀୟ ଲୋକେ ଶିକ୍ଷକଙ୍କୁ ଖଜୁରିପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ ଫୁଲବାଣୀସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ କହଁରଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ।

## ଟିକିରିରେ ପୋଲିସର ଫ୍ଲାଗ୍‌ମାର୍ଚ୍ଚ

**ଟିକିରି,୨୬।୪ (ପ୍ରଫୁଲ୍ଲ କୁମାର ବେହେରା)**

ରାୟଗଡ଼ା ଜିଲାରେ ମେ ୧୩ରେ ହେବାକୁ ଥିବା ନିର୍ବାଚନ କିପରି ଶୃଙ୍ଖଳିତ ଭାବେ ପରିଚାଳନା ହେବ ସେଥିପାଇଁ ଟିକିରି ପୋଲିସ ପକ୍ଷରୁ ଆଗୁଆ ପ୍ରସ୍ତୁତି ଆରମ୍ଭ ହୋଇଛି। ଅବାଧ, ମୁକ୍ତ ନିର୍ବାଚନ ପରିଚାଳନା ପାଇଁ ରାୟଗଡ଼ା ଜିଲା ଟିକିରି ପୋଲିସ ପକ୍ଷରୁ ଶୁକ୍ରବାର ଫ୍ଲାଗ୍‌ମାର୍ଚ୍ଚ କରାଯାଇଛି। ଏଥିରେ ଟିକିରି ଥାନା ଅଧିକାରୀ ବିଶ୍ୱ ବନ୍ଦିତା ବାଗ, ମନୋଜ କୁମାର ଜେନା, ମହେଶ୍ୱର ପାଇକ, ଟି. ତ୍ରିନାଥ , ମହେନ୍ଦ୍ର ହାଁସଦା ଓ ସହଯୋଗୀ ପୋଲିସ ସାଥୀମାନଙ୍କ ସହ ୨ ପ୍ଲାଟୁନ ଫୋର୍ସ ମିଶି ଟିକିରି, ଗରଖପୁର, ମାରିଭଟା, ସଙ୍କରଡ଼ା, ତୟାପୁଟ, ପଞ୍ଚାଲୀ, ଉପରକୋଡ଼ିଙ୍ଗା, ବାଙ୍କାମ, ମାଙ୍କଡଖୋଲା, ପୋଡ଼ାପାଡ଼ି, ପୁହୁଣ୍ଡି, ନକଟିଗୁଡ଼ା, ବିଲାମାଳ , ନିସଖାଲ ସମେତ ଟିକିରି ଥାନା ଅଧୀନରେ ଥିବା ଗାଁକୁ ପୋଲିସ ଫୋର୍ସ ଯାଇ ମାର୍ଚ୍ଚ କରିଥିଲେ।



ଟିକିରିରେ ପୋଲିସ ଓ ଯବାନମାନେ ଫ୍ଲାଗ୍‌ମାର୍ଚ୍ଚ କରୁଛନ୍ତି ।

## ମାଲକାନଗିରି ସ୍ୱାସ୍ଥ୍ୟ ବିଭାଗ ପାଇଲା ପ୍ରଥମ ପୁରସ୍କାର

**ମାଲକାନଗିରି,୨୬।୪(ଦୁର୍ଯ୍ୟୋଧନ ପାତ୍ର)**

### ଦିଲ୍ଲୀରେ ଜାତୀୟସ୍ତରୀୟ ମ୍ୟାଲେରିଆ ପ୍ରବନ୍ଧ ପ୍ରତିଯୋଗିତା

ଦିଲ୍ଲୀଠାରେ ଆୟୋଜିତ ଜାତୀୟସ୍ତରୀୟ ମ୍ୟାଲେରିଆ ପ୍ରବନ୍ଧ ପ୍ରତିଯୋଗିତାରେ ମାଲକାନଗିରି ସ୍ୱାସ୍ଥ୍ୟବିଭାଗକୁ ମିଳିଛି ପ୍ରଥମ ପୁରସ୍କାର। ବିଶ୍ୱ ମ୍ୟାଲେରିଆ ଦିବସ ଅବସରରେ ଦିଲ୍ଲୀଠାରେ ଆୟୋଜିତ ପ୍ରତିଯୋଗିତାରେ ମାଲକାନଗିରି ସ୍ୱାସ୍ଥ୍ୟବିଭାଗ ପକ୍ଷରୁ ଅତିରିକ୍ତ ଜିଲା ସ୍ୱାସ୍ଥ୍ୟବିଭାଗ ଅଧିକାରୀ ଡାକ୍ତର ଧନେଶ୍ୱର ମହାପାତ୍ର ଯୋଗ ଦେଇଥିଲେ। ସେଠାରେ ଭାରତର ସବୁରାଜ୍ୟରୁ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀମାନେ ଉପସ୍ଥିତ ଥିଲେ। ମ୍ୟାଲେରିଆ ରୋଗ ଓ ତାର ପ୍ରତିକାର ସମ୍ପର୍କରେ ଜାତୀୟ ସ୍ତରରେ ପ୍ରବନ୍ଧ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ମାଲକାନଗିରି ଜିଲାରୁ ଡାକ୍ତର ଧନେଶ୍ୱର ମହାପାତ୍ର ସୁନ୍ଦର ଭାବେ ମ୍ୟାଲେରିଆ ରୋଗ ଓ ପ୍ରତିକାର ସମ୍ପର୍କରେ ପ୍ରବନ୍ଧ ଉପସ୍ଥାପନା କରିଥିଲେ। ତାଙ୍କ ପ୍ରବନ୍ଧ ପ୍ରଥମ ସ୍ଥାନ ଅଧିକାର କରିଥିଲା। ଗ୍ଲୋବାଲ ସ୍ୱାସ୍ଥ୍ୟ ବିଭାଗ ଡିଜି ଗ୍ଲୋବାଲ ନିର୍ଦ୍ଦେଶକ,ବିଶ୍ୱ ସ୍ୱାସ୍ଥ୍ୟ ଦକ୍ଷିଣ ପୂର୍ବାଞ୍ଚଳ ଏସିଆ ମୁଖ୍ୟ ଓ ଭାରତ ବିଶ୍ୱ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମାଲକାନଗିରିକୁ ସର୍ବ ଭାରତୀୟ ସ୍ତରରେ ଏହି ସଫଳତା ମିଳିଛି।

## ଭଡ଼ାଘରେ ଚାଲିଛି ଓଏସ୍‌ଆର୍‌ଟିସି ଡିପୋ

**ରାୟଗଡ଼ା,୨୬।୪(ଭାଗ୍ୟଶ୍ରୀ ମିଶ୍ର )**

- ଅବ୍ୟବସ୍ଥାରେ ଓଏସ୍‌ଆର୍‌ଟିସି ରାୟଗଡ଼ା ଡିପୋ
- ବସ୍ ମରାମତି, ସଫା କରିବାକୁ ନାହିଁ ଗ୍ୟାରେଜ
- ୬ରୁଟ୍‌ରେ ଚାଲୁଛି ୯ ବସ୍

ରାୟଗଡ଼ା ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ଏବଂ ଗମନାଗମନ କ୍ଷେତ୍ରରେ ମଧ୍ୟ ପଛୁଆ ଜିଲା ଭବେ ପରିଗଣିତ । ଏହା ସତ୍ତ୍ୱେ ଓଡ଼ିଶା ରାଜ୍ୟ ପରିବହନ ନିଗମ (ଓଏସ୍‌ଆର୍‌ଟିସି) ପକ୍ଷରୁ ରାୟଗଡା ଡିପୋକୁ ଅବହେଳା କରାଯାଉଥିବା ଅଭିଯୋଗ ହୋଇଛି। ୨୦୧୫ରୁ ଓଏସ୍‌ଆର୍‌ଟିସି ରାୟଗଡ଼ା ଡିପୋ ମାନ୍ୟତା ପାଇଥିଲେ ସୁଦ୍ଧା ଆନୁଷଙ୍ଗିକ ବ୍ୟବସ୍ଥା ଯଥା ସ୍ୱତନ୍ତ୍ର ଅଫିସ କାର୍ଯ୍ୟାଳୟ, ଟିକେଟ କାଉଣ୍ଟର, ଡ୍ରାଇଭରଙ୍କ ରେଷ୍ଟ ରୁମ୍, ଗ୍ୟାରେଜ, ବସ୍ ପାର୍କିଂ ଆଦିର ବ୍ୟବସ୍ଥା ନାହିଁ। ଗୋଟିଏ କୋଠରିରେ ଚାଲିଛି ଟିକେଟ କାଉଣ୍ଟର, ଅଫିସ କାମ । ମାସିକ ୧୩୨୫ ଟଙ୍କା ପୌର ପରିଷଦକୁ ଓଏସ୍‌ଆର୍‌ଟିସି ଭଡା ଦେଉଥିଲେ ମଧ୍ୟ ବର୍ଷା ହେଲେ ଉକ୍ତ କୋଠରିରୁ ପାଣି ଗଳୁଛି ଏବଂ ଶୌଚାଳୟ ସଫା କରାଯାଉ ନ ଥିବା ଅଭିଯୋଗ ହେଉଛି।

ପୂର୍ବରୁ ଓଏସ୍‌ଆର୍‌ଟିସର ରାୟଗଡ଼ାରେ ସ୍ୱତନ୍ତ୍ର ଡିପୋ ନ ଥିଲା। ଜୟପୁର ଏହାର ମୁଖ୍ୟ କାର୍ଯ୍ୟାଳୟ ଥିଲା। ୨୦୦୨ ପରେ ରାୟଗଡ଼ା ୟୁନିଟ୍ କ୍ଷତି ସହିବାରୁ ତାକୁ ବନ୍ଦ କରିଦିଆଯାଇଥିଲା। ଏହାପରେ ପୁଣି ୨୬।୧।୨୦୧୫ରେ ରାୟଗଡା ବସ୍‌ଷ୍ଟାଣ୍ଡରେ ପୂର୍ବତନ ପରିବହନ ମନ୍ତ୍ରୀଙ୍କ ଦ୍ୱାରା ରାୟଗଡା ବସ୍‌ଷ୍ଟାଣ୍ଡଠାରେ ଗୋଟିଏ କୋଠରିକୁ ରାୟଗଡ଼ା ଓଏସ୍‌ଆର୍‌ଟିସି କାର୍ଯ୍ୟାଳୟ ରାୟଗଡା ଶାଖା ଭାବେ ଉଦ୍‌ଘାଟନ କରାଯାଇଥିଲା। ପରିତାପର ବିଷୟ ଏହା ପରଠୁ ସ୍ଥାନୀୟ ପ୍ରଶାସନ ଜାଗା ନ ଥିବା ଦର୍ଶାଇ ଆଜି ପର୍ଯ୍ୟନ୍ତ ନିଜସ୍ୱ କାର୍ଯ୍ୟାଳୟ ନିର୍ମାଣ କରିପାରି ନାହିଁ । ଫଳରେ ଭଡା ଘରେ ଚାଲିଛି କାର୍ଯ୍ୟାଳୟ । ଅନ୍ୟପକ୍ଷରେ ଡିପୋରେ ନିଜସ୍ୱ ଗ୍ୟାରେଜ ନ ଥିବାରୁ ବସ୍‌ଗୁଡିକୁ ଷ୍ଟାଣ୍ଡରେ ଏଣେତେଣେ ରଖାଯାଉଛି। କୌଣସି ବସ୍‌କୁ ସଫା କରାଯାଉ ନ ଥିବାରୁ ଅପରିଷ୍କାର ଗାଡ଼ିରେ ଯିବାକୁ ଲୋକେ ପସନ୍ଦ କରୁ ନ ଥିବା ଅଭିଯୋଗ ହେଉଛି। ସେହିପରି ଡ୍ରାଇଭରଙ୍କ ପାଇଁ ରେଷ୍ଟରୁମ୍ ନ ଥିବାରୁ ସେମାନେ ବାଧ ହୋଇ ବସ୍‌ରେ ବିଶ୍ରାମ ନେଉଥିବା ଦେଖିବାକୁ ମିଳୁଛି। ସରକାରୀ ବସ୍‌ର ଏଭଳି ଅବ୍ୟବସ୍ଥା ଯୋଗୁ ଲୋକେ ବେସରକାରୀ ବସ୍‌ରେ ଯାତାୟାତ କରିବାକୁ ଅଧିକ ପସନ୍ଦ କରୁଛନ୍ତି। ଜିଲାରେ ୬ଟି ରୁଟ୍‌ରେ ୯ଟି ସରକାରୀ ବସ୍ ଚଳାଚଳ କରୁଛି । ଗୁଣପୁର ଏବଂ କଲ୍ୟାଣସିଂ ପୁରକୁ ଓଏସ୍‌ଆର୍‌ଟିସି ବସ୍ ଯାଉ ନ ଥିବାରୁ ଗ୍ରାମାଞ୍ଚଳ ଯାତ୍ରୀ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ହେଉଛି। ତେବେ ଜିଲାରେ ଚଳାଚଳ କରୁଥିବା ବେସରକାରୀ ବସ୍‌ର ଟିକେଟଠାରୁ ସରକାରୀ ବସ୍ ଟିକେଟ କିଛି ମାତ୍ରାରେ କମ୍ ରହୁଥିବାରୁ ଲୋକେ ଓଏସ୍‌ଆର୍‌ଟିସି ବସ୍‌ରେ ଯିବା ପାଇଁ ଇଚ୍ଛା ପ୍ରକାଶ କରଛନ୍ତି। ସରକାରୀ ବସ୍ ସେବା ଠିକ୍‌ରେ ଯାତ୍ରୀଙ୍କୁ ମିଳୁ ନ ଥିବା ଅଭିଯୋଗ ହେଉଛି। ରାୟଗଡ଼ା ଡିପୋର ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥା ସୁଧାରିବା ସହ ଡିପୋର ସ୍ୱତନ୍ତ୍ର କାର୍ଯ୍ୟାଳୟ ତୁରନ୍ତ ନିର୍ମାଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି । ଏ ନେଇ ରାୟଗଡ଼ା ଡିପୋ ସହାୟକ ମ୍ୟାନେଜର ସଂଗ୍ରାମ କେଶରୀ ଜେନା କହିଛନ୍ତି, ମୁଁ ନୂଆକରି ଆସିଛି । ତେବେ ଡିପୋର ସ୍ୱତନ୍ତ୍ର କାର୍ଯ୍ୟାଳୟ ପାଇଁ ମୋ ପୂର୍ବରୁ ଅନେକ ଥର କୁହାଯାଇଛି, କିନ୍ତୁ କୋଠା ପାଇଁ ଜାଗା ନ ଥିବା କୁହାଯାଉଛି ।



